بِسۡمِ اللّٰہِ الرَّحۡمٰنِ الرَّحِیۡمِ

୬ ମାର୍ଚ୍ଚ ୨୦୨୬ ଖୁତ୍‌ବା ଜୁମାର ସାରାଂଶ

ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ସମ୍ପ୍ରତି ମଧ୍ୟପ୍ରାଚ୍ୟ ଦେଶରେ ଯେଉଁ ଘମାଘୋଟ ଯୁଦ୍ଧ ଜାରି ରହିଛି, ସେଥି ସଂକ୍ରାନ୍ତରେ ମହାମହିମ ହୁଜୁର ଅନଓ୍ୱର[ଅ.ବ]ଙ୍କର ମୁସଲମାନ ସମ୍ପ୍ରଦାୟକୁ ମହତପୂର୍ଣ୍ଣ ଉପଦେଶ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଯେଉଁ ବାର୍ତ୍ତା ନେଇ ଜଗତକୁ ଆସିଥିଲେ, ତାହାର ଉଦ୍ଦେଶ୍ୟ ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବା ତଥା ଏକେଶ୍ୱରବାଦର ପ୍ରତିଷ୍ଠା କରିବା ଓ ସେଥିପାଇଁ ପୂର୍ଣ୍ଣ ପ୍ରୟାସ କରିବା ଏବଂ ତାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ଥିଲା । ପୁଣି ଗୋଟିଏ ସମ୍ପ୍ରଦାୟ ହୋଇ ପରସ୍ପର ସହିତ ଭାଇ ଭାଇ ହୋଇ ରହିବା । କିନ୍ତୁ ଆଜି ଏହି ଦାବି ସତ୍ତ୍ୱେ ଯେ ଆମେ **କଲ୍‌ମା** ପାଠକାରୀ, ଆମମାନଙ୍କ ମଧ୍ୟରେ ଏକତା ନାହିଁ । ଆମର କର୍ମ ଏପରି ନୁହେଁ, ଯେଉଁ ପବିତ୍ର ଶିକ୍ଷାର ଆମେ (ମାନ୍ୟକାରୀ ବୋଲି) ଦାବି କରୁଅଛେ । ପରିଣାମ ସ୍ୱରୂପ ଯେତେବେଳେ ଆମେମାନେ ଇସଲାମୀ ଜଗତର ନିରୀକ୍ଷଣ କରିଥାଉ ସେତେବେଳେ ଆମେ ଖୁବ୍ ଦୁଃଖିତ ଓ ମର୍ମାହତ ହୋଇଥାଉ । ଅନେକ ଦେଶ ନିକଟରେ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଓ ଅଜସ୍ର ଧନଦୌଲତ ରହିଛି । କିନ୍ତୁ ତଥାପି ସଂସାରବାସୀଙ୍କ ସମକ୍ଷ ନା ସେମାନଙ୍କର କୌଣସି ବିଶେଷ ମର୍ଯ୍ୟାଦା ରହିଛି, ଆଉ ନା ଧର୍ମର ଅଗ୍ରଗତି ନିମନ୍ତେ ସେମାନଙ୍କର କୌଣସି ବିଶେଷ ଭୂମିକା ରହିଛି । ନା ଇସଲାମୀୟ ନିତୀନିୟମର ପାଳନ କରିବା ସକାଶେ ସେମାନେ କୌଣସି ବିଶେଷ ଉଦ୍ୟମ କରୁଥିବାର ଦୃଶ୍ୟ ପରିଲକ୍ଷିତ ହେଉଅଛି । ଏହାର ପରିଣାମ ସ୍ପଷ୍ଟ ପ୍ରକାଶ ହେଉଛି, ଯେ ଅଣମୁସଲମାନମାନେ ଏଥିରୁ ଫାଇଦା ଉଠାଉଛନ୍ତି ।

ମୁସଲମାନମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଆମେମାନେ ଗୋଟିଏ ଇସଲାମ୍ ଧର୍ମର ଅନୁଗାମୀ ହେବା ଦୃଷ୍ଟିରୁ ଏକ ହେବା ଉଚିତ୍ । ଏଥିପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ । ଯଦି ଏପରି ହୁଏ ତେବେଯାଇ ଆମେ ଏହି ଭୟଙ୍କର ଯୁଦ୍ଧର ମହାବିପତ୍ତିରୁ ବର୍ତ୍ତି ରହିପାରିବା ଓ ଆମେମାନେ ନିଜ ବୈଭବ ବଜାୟ ରଖିପାରିବା । ଆଉ ଆମେ ଇସଲାମ ବିରୋଧୀ ଶକ୍ତିଗୁଡ଼ିକୁ ଆମମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରିବାରୁ ରୋକି ପାରିବା । ତେଣୁ ଆମମାନଙ୍କୁ ବିଚାର କରିବାକୁ ହେବ ଯେ ଅଲ୍ଲାଃତାଲା ଚଳିତ ଯୁଗରେ ଏଥିପାଇଁ କି ବ୍ୟବସ୍ଥା କରିଛନ୍ତି । ତେବେ ସର୍ବଶକ୍ତିମାନ ଅଲ୍ଲାଃ ଏହି ଉଦ୍ଦେଶ୍ୟ ନିମନ୍ତେ ମସିହ ମଉଦ ଓ ମେହ୍‌ଦୀ ମାହୁଦ୍‌ଙ୍କୁ ଆବିର୍ଭୂତ କରିଛନ୍ତି । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେପରିକି ମୁଁ କହିଲି ମୁଁ ଦୀର୍ଘ ସମୟ ହେଲା ଏଥିପ୍ରତି ଲୋକ (ଅର୍ଥାତ୍ ପ୍ରମୁଖ ବ୍ୟକ୍ତି)ମାନଙ୍କର ଧ୍ୟାନ ଆକର୍ଷିତ କରି ଆସୁଅଛି । ସେତେବେଳେ ସେମାନେ ଆମ୍ଭର ଏହି କଥା ଶୁଣି କହୁଥିଲେ, ତୁମେ ବିଶ୍ୱବାସୀଙ୍କ ସଂକ୍ରାନ୍ତରେ ଅତି ନୈରାଶ୍ୟଜନକ କଥା କହୁଅଛ, ନକାରାତ୍ମକ ଚିନ୍ତାଧାରା ରଖୁଛ ଯେ ବିଶ୍ୱ ଭୟଙ୍କର ଯୁଦ୍ଧର ଶିକାର ହୋଇଯିବ । କିନ୍ତୁ ଆଜି ସେହି ଲୋକମାନେ କହୁଛନ୍ତି ଯେ କିଛି ବର୍ଷ ପୂର୍ବେ ଯେଉଁ ଅଘଟଣକୁ ଆମେ ଅସମ୍ଭବ ମଣୁଥିଲୁ, ଆଜି ତାହା ସମ୍ଭବ ହୋଇଯାଇଛି ଓ ମହା ବିନାଶକାରୀ ଯୁଦ୍ଧ ଆରମ୍ଭ ହୋଇଯାଇଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପାଶ୍ଚାତ୍ୟ ଦେଶମାନେ ପ୍ରଥମେ ଇସଲାମୀ ଦେଶଗୁଡ଼ିକୁ ପରସ୍ପର ମଧ୍ୟରେ ଲଢ଼ାଇଲେ ଓ ଏବେ ସେମାନଙ୍କ ପ୍ରାକୃତିକ ସମ୍ବଳ ଉପରେ ନିଜର ଅଧିକାର ଜମାଇବା ପାଇଁ କ୍ରମାଗତ ଭାବରେ ଉଦ୍ୟମ କରୁଛନ୍ତି । ଏକଥା ମୁସଲମାନମାନଙ୍କୁ ବୁଝିବା ଉଚିତ୍ ଯେ ଏହି **ଦଜ୍ଜାଲ୍** (ପ୍ରତାରକ) ଶକ୍ତିଗୁଡ଼ିକ କଦାପି ଆମ ମୁସଲମାନମାନଙ୍କୁ ଏକ ହୋଇ ରହିବାକୁ ଦେବେ ନାହିଁ । ସେମାନଙ୍କର ମୂଳ ଉଦ୍ଦେଶ୍ୟ ଏହିକି ଯେ, ମୁସଲମାନମାନଙ୍କ ମଧ୍ୟରେ ସର୍ବଦା ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରାଯାଉ ।

ଆମେରିକା ଅନେକ ମୁସଲମାନ ରାଷ୍ଟ୍ରମାନଙ୍କରେ ନିଜର ସାମରିକ ଶିବିର ସ୍ଥାପନ କରିଅଛି, କିନ୍ତୁ କାହିଁକି ? କ'ଣ ସେହି ଦେଶମାନଙ୍କ ସୁରକ୍ଷା କରିବା ସକାଶେ ? ତେବେ ଏହି ଆରବ ଦେଶଗୁଡ଼ିକୁ କାହାର ଭୟ ଥିଲା ? ଦେଖ ଏହି ମହାଶକ୍ତିଗୁଡ଼ିକ ସ୍ୱୟଂ ଏପରି ଉତ୍କଟ ପରିସ୍ଥିତି ଉପୁଜାଇ ମୁସଲମାନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏହି ଭାବନା ଜାତ କରାଇଲେ, ଯେ ତୁମେମାନେ ସଂକଟ ଘେରରେ ରହିଛି । ତେଣୁ ସେଥିରୁ ତୁମକୁ ସୁରକ୍ଷିତ ରଖିବା ନିମନ୍ତେ ଏହି ବ୍ୟବସ୍ଥା କରାଯାଉଛି । ମୁସଲମାନମାନଙ୍କୁ ଅସଲରେ ଯାହାର ବିପଦ ରହିଛି, ତାହା ବିରୁଦ୍ଧରେ ତ ସେମାନେ କଦାପି ଏହି ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଉପଯୋଗ କରିବେ ନାହିଁ । ଆଉ ଇରାନ୍ ଦେଶ ତ ଏହି (ପାଶ୍ଚାତ୍ୟ) ଦେଶମାନଙ୍କ ଆଖିର କଣ୍ଟା ହୋଇ ରହିଥିଲା । ଇସ୍ରାଇଲ୍ ବିରୁଦ୍ଧରେ ଇରାନ୍‌ର ପଲିସି ଅଧିକ କଠୋର ଥିଲା । ପୁଣି ଅନ୍ୟ ମୁସଲମାନ ରାଷ୍ଟ୍ରମାନଙ୍କ ଆସ୍ଥା ଠାରୁ ସେମାନେ ଭିନ୍ନ ଆସ୍ଥା ପୋଷଣ କରୁଥିଲେ । ଏହି ସବୁ କାରଣଗୁଡ଼ିକର ସେହି ମହାଶକ୍ତିମାନେ ଫାଇଦା ଉଠାଇଲେ ଏବଂ ସେହି ଅଞ୍ଚଳଗୁଡ଼ିକରେ ନିଜ ଉପସ୍ଥିତିକୁ ସୁନିଶ୍ଚିତ କଲେ । ସେହି ସାମରିକ ଶିବିରମାନ ଯୋଗୁଁ ଆରବ ଦେଶମାନଙ୍କରେ ଆକ୍ରମଣର ଭୟ ରହିଥିଲା । ଆଉ ଏବେ ସେହି ଆକ୍ରମଣ ଦ୍ୱାରା ଆରବ ଦେଶଗୁଡ଼ିକର ଅର୍ଥନୀତି ଓ ଭୂ-ସମ୍ପଦ ଧ୍ୱଂସ ପାଇବାକୁ ବସିଛି । ଏହି ପରିସ୍ଥିତିର ଫାଇଦା ସେହି ମହାଶକ୍ତିଗୁଡ଼ିକୁ ହେଲା ଓ ଆସନ୍ତାରେ ମଧ୍ୟ ହେବ । ଜମାଅତ ଅହମଦିୟାର ଚତୁର୍ଥ ଖଲିଫା ଇରାକ୍ ଯୁଦ୍ଧ ସମୟରେ ଏକଥା ଦର୍ଶାଇ ଥିଲେ, **ଯେ ଏହି ବିଶୃଙ୍ଖଳା ଆସନ୍ତାରେ ଆହୁରି ଘନୀଭୂତ ହେବ** । ମୁସଲମାନ ଦେଶଗୁଡ଼ିକ ସେଥିରୁ ଶିକ୍ଷା ହାସଲ କରିଥାନ୍ତେ କି !

ଅଧିକନ୍ତୁ କହିଲେ; ଏହି ଅଶାନ୍ତି ଓ ବିଶୃଙ୍ଖଳା ସେହି ମହାଶକ୍ତିଗୁଡ଼ିକ ଦ୍ୱାରା ପରିବ୍ୟାପ୍ତ ହୋଇଛି । ପ୍ରକାଶ୍ୟରେ ତ ଏହା ବନ୍ଦ ହେବାର କୌଣସି ସମ୍ଭାବନା ଦୃଶ୍ୟମାନ ହେଉ ନାହିଁ, ଏହା ବ୍ୟତୀରେକେ କି ପରାକ୍ରମୀ ଅଲ୍ଲାଃତାଲାଙ୍କର କୌଣସି ବିଶେଷ ବିଧାନ ନିୟତ ରହିଥିବ । ଏଥିପାଇଁ ସେମାନଙ୍କୁ ଚେଷ୍ଟା କରିବା ଉଚିତ୍ ଅର୍ଥାତ୍ ସମାଧାନର ବାଟ ଖୋଜିବା ଉଚିତ୍ । ଆଉ ଆମମାନଙ୍କୁ ମଧ୍ୟ ସେଥିପାଇଁ ଦୁଆ କରିବା ଉଚିତ୍ । ଏହି ଅତ୍ୟାଚାର ଯେପରି ଦିନ ପ୍ରତିଦିନ ବଢ଼ି ଚାଲିଛି, ସେଥିରୁ ପ୍ରତୀତ ହେଉଛି ବ୍ୟାପକ ସ୍ତରରେ ବିଶ୍ୱ ଯୁଦ୍ଧ ହେବ । ବରଂ କେତେକ ପାଶ୍ଚାତ୍ୟ ସମାଲୋଚକଙ୍କ ମତରେ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଛି । ମୁଁ ବି ଏହା କହୁଅଛି, ଯେ ହଁ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲାଣି । କିନ୍ତୁ ଏବେ ବି ଯଦି ମୁସଲମାନମାନେ ବୁଦ୍ଧି ପ୍ରୟୋଗ କରନ୍ତେ ତେବେ ସେମାନେ **ଦଜ୍ଜାଲ୍‌ର ଫିତ୍‌ନା** (ଛଳ ଓ କପଟତା)ରୁ ସୁରକ୍ଷିତ ରହିପାରିବେ । ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଯେଉଁ ଯୁଦ୍ଧ ଚାଲିଛି, ଏମିତି ଦେଖିଲେ ତ ତାହା ଆମେରିକା ଇରାନ ଉପରେ ଆକ୍ରମଣ କରି ଆରମ୍ଭ କରିଛି । କିନ୍ତୁ ଇରାନ ପୂର୍ବରୁ ସଚେତନ କରାଇ ଥିଲା ଯେ, ଯଦି ଆମ ଉପରେ ଆକ୍ରମଣ ହୁଏ ତେବେ ଆମେ ଆରବ ଦେଶମାନଙ୍କରେ ଥିବା ଆମେରିକାର ସୈନ୍ୟ ଶିବିର ଉପରେ ଆକ୍ରମଣ କରିବୁ ଓ ଠିକ୍ ଏହିପରି ହିଁ ଘଟିଲା । ସେମାନେ **ରିଜିମ୍** ପରିବର୍ତ୍ତନ କରିବାର ଶ୍ଳୋଗାନ ଦେଉଥିଲେ । କିନ୍ତୁ ଲାଭ କ'ଣ ହେଲା ? ଖାମ୍‌ନେଇ ସାହେବଙ୍କୁ ତ ଶହିଦ୍ ହେବାର ସୌଭାଗ୍ୟ ଲାଭ ହେଲା ଓ ତାଙ୍କର ମାନମର୍ଯ୍ୟାଦା ଆହୁରି ବଢ଼ିଗଲା । ତାଙ୍କ ପରିବାରବର୍ଗଙ୍କୁ ନିହତ କରି ଏମାନେ **ରିଜିମ୍** କ'ଣ ବା ବଦଳାଇବେ, ବରଂ ଇରାନୀ ଜାତିର ଏକତ୍ୱ ଆହୁରୀ ସୁଦୃଢ଼ ହେଲା । ମଧ୍ୟପ୍ରାଚ୍ୟରେ ଥିବା ଆରବ ଦେଶଗୁଡ଼ିକର ଆତ୍ମରକ୍ଷାର ସାମର୍ଥ୍ୟ ନାହିଁ । ଏଥିପାଇଁ ସେମାନେ ପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଦେଶମାନଙ୍କ ଉପରେ ନିର୍ଭରଶୀଳ । ତେବେ ଏହି ଯୁଦ୍ଧ ଏବେ ଭୟଙ୍କର ରୂପ ଧାରଣ କରିନେଲାଣି ।

ଗୋଟିଏ ପାର୍ଶ୍ୱରେ ଆରବ ଦେଶଗୁଡ଼ିକୁ ଯେଉଁସ୍ଥଳେ ନିଜ ତୈଳକୂପଗୁଡ଼ିକ ବନ୍ଦ ହେବାରେ କ୍ଷତି ସହ୍ୟ କରିବାକୁ ପଡୁଅଛି, ଦରଦାମ ବୃଦ୍ଧି ପାଉଛି । ଅପରପାର୍ଶ୍ୱରେ ଏମାନଙ୍କୁ ଆମେରିକାର ପ୍ରତିରକ୍ଷା ସୁବିଧା ରଖିବାର

(ଅତିରିକ୍ତ) ଖର୍ଚ୍ଚ-ଭାର ବହନ କରିବାକୁ ପଡିବ । ଏସମସ୍ତ କାର୍ଯ୍ୟ ଦ୍ୱାରା ଆରବ ଦେଶଗୁଡ଼ିକର ଅର୍ଥନୀତି ଉପରେ ଘୋର ପ୍ରଭାବ ପଡିବ । ଆମେରିକା **ସଦର୍** (ଜନନାୟକ) ତ ନିଜର ପୂର୍ବବର୍ତ୍ତୀ ସରକାରଙ୍କ ପଲିସି ଉପରେ କାର୍ଯ୍ୟକାରୀ କରୁଅଛି । ଏହା ତାଙ୍କର ଆଜିର ପଲିସି ନୁହେଁ, ବରଂ ଦୀର୍ଘ କାଳରୁ ପ୍ରସ୍ତୁତ କରାଯାଇଥିବା ପଲିସି, ଯେ ଯେଉଁ ସ୍ଥାନକୁ ଇଚ୍ଛା ତାହାକୁ ନିଜ ଅଧୀନ କରି ତାହାର ପ୍ରାକୃତିକ ସମ୍ବଳକୁ ହାତେଇ ନିଅ । ଆଉ ତାହାର କିଛି ବି କାରଣ ଦର୍ଶାଇ ଦିଅ ଯେ ଏଥି ଯୋଗୁଁ ଆମେ ଏମାନଙ୍କୁ ନିଜ ଅଧିକାରଭୁକ୍ତ କଲୁ । ପୁନଶ୍ଚ ଯେଉଁ ଦେଶ ସେମାନଙ୍କ ସାଥିରେ ସାମିଲ ହୁଏ ନାହିଁ, ତାହାକୁ ଏମାନେ ନିଜ ବଳ ଓ କ୍ଷମତା ଦେଖାଇଥା'ନ୍ତି । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ୟୁରୋପିୟନ୍ ପାର୍ଲ୍ୟାମେଣ୍ଟରେ ସେମାନଙ୍କର ଜଣେ ସ୍ପେନିଶ୍ ମହିଳା ସଦସ୍ୟା ବେଶ ଦାମ୍ଭିକତା ଓ ମୁକ୍ତ କଣ୍ଠରେ ନିଜ ମତ ବ୍ୟକ୍ତ କଲେ ଯେ ଆମେରିକାର କୌଣସି ଯୁଦ୍ଧରେ ମହିଳାଙ୍କୁ ସ୍ୱାଧୀନତା ଲାଭ ହୋଇ ନାହିଁ । ଯେହେତୁ ସେ ଜଣେ ମହିଳା ନେତ୍ରୀ ଥିଲେ ତେଣୁ ମହିଳାମାନଙ୍କ ପ୍ରସଙ୍ଗ ଉତ୍‌ଥାପିତ କଲେ । କାରଣ କୁହାଯାଉଛି ଯେ ଆମେରିକାର ଯେଉଁ ଦାବି ରହିଛି, ଯେ ଆମେ ଇରାନ୍ ଦେଶର ମହିଳାମାନଙ୍କ ସ୍ୱାଧୀନତା ସକାଶେ ଏହି ଯୁଦ୍ଧ ଲଢୁଅଛୁ । **କିନ୍ତୁ ନା ସେମାନେ ମହିଳାମାନଙ୍କୁ ସ୍ୱାଧୀନ କରିବାରେ ସଫଳ ହୋଇଛନ୍ତି, ନା ଏହା ସେମାନଙ୍କର ଲକ୍ଷ** । ଯେଉଁସ୍ଥଳେ ନ୍ୟାୟ ଆଚରଣ ହୋଇ ନଥାଏ ସେଠାରେ ଧ୍ୱଂସର କରାଳ ବିଭୀଷିକା ହିଁ ଦେଖିବାକୁ ମିଳିଥାଏ । ଏହି ମହାଶକ୍ତିମାନେ ସହସ୍ର ପିଲା ଓ ନିରୀହ ଲୋକମାନଙ୍କୁ ମାରିଦେଲେ । ଏହା କି ପ୍ରକାର ଯୁଦ୍ଧ, ଯେଉଁଥିରେ ସ୍କୁଲ ପିଲାମାନଙ୍କ ଉପରେ ବୋମା ବର୍ଷଣ କରାଯାଉଛି ଓ କେହି ହେଲେ ବି ଏ ବିଷୟରେ ତାଙ୍କୁ ପ୍ରଶ୍ନ କରୁ ନାହାନ୍ତି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଇସଲାମ୍ ଏକେଶ୍ୱରବାଦର ସ୍ଥାପନ କରିବାକୁ ଆସିଥିଲା ଓ ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଉଦ୍ୟମ କରିବା ଉଚିତ୍ ଏବଂ ଏଥିପାଇଁ ଏକ ହେବା ଉଚିତ୍ । ଏହି ମହାଶକ୍ତିଗୁଡ଼ିକୁ ନିଜର ଈଶ୍ୱର ମନେ କରନ୍ତୁ ନାହିଁ । ନଚେତ୍ ସେହି ଦେଶଗୁଡ଼ିକ ଗୋଟିଏ ଗୋଟିଏ କରି ସମସ୍ତ ଇସଲାମୀୟ ଦେଶ ଓ ସେମାନଙ୍କ ପ୍ରାକୃତିକ ସମ୍ପଦକୁ ଅଧିକାର କରିନେବେ । ପବିତ୍ର କୁରଆନ ମୁସଲମାନମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି ଯେ ଯଦି ବିଶ୍ୱାସକାରୀଙ୍କର ଦୁଇଟି ଦଳ ଆପୋସରେ ସଂଘର୍ଷ କରନ୍ତି, ତେବେ ସେମାନଙ୍କ ମଧ୍ୟରେ ସନ୍ଧି କରାଅ । ଆଉ ସନ୍ଧି ସ୍ଥାପନ ହେବା ପରେ ଯଦି କୌଣସି ଦଳ ଅନ୍ୟ ଉପରେ ଚଢ଼ାଉ କରେ ତେବେ ସଭିଏଁ ମିଳିତ ଭାବରେ ଚଢ଼ାଉ କରିଥିବା ଦଳ ବିରୁଦ୍ଧରେ ଯୁଦ୍ଧ କର । ଏପରିକି ସେ ଅଲ୍ଲାଃଙ୍କ ଆଦେଶ ଆଡ଼କୁ ଫେରି ଆସିବ । **ପୁଣି ଯେବେ ସେ (ଉତ୍ପାତ ଭିଆଇ ଥିବା ଦଳ) ଅଲ୍ଲାଃଙ୍କ ଆଦେଶ ପ୍ରତି ଢ଼ଳିଯିବ ସେତେବେଳେ ସେହି ଲୋକମାନଙ୍କ ସହିତ ନ୍ୟାୟ ପୂର୍ବକ ସନ୍ଧି କରିଦିଅ ।**

ଏହା ସେହି ଆଦେଶ ଯାହାକି ସଂସାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଜରୁରୀ ଓ ମୁସଲମାନମାନଙ୍କ ସକାଶେ ତ ଏହା ଅତି ଗୁରୁତ୍ୱପୂର୍ଣ୍ଣ । ଦେଖ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ପବିତ୍ର କୁରଆନରେ ଏହି ଉପଦେଶ ଦେଇଛନ୍ତି, ଯେ ସନ୍ଧି କରିବା ସମୟରେ ନିଜ ବ୍ୟକ୍ତିଗତ ସ୍ୱାର୍ଥକୁ ପୃଥକ ରଖ । ବରଂ ମୂଳ ସମସ୍ୟାର ସମାଧାନ ଅର୍ଥାତ୍ ନିଷ୍ପତ୍ତି କରିବା ଉଚିତ୍ । ଯଦିଚ ଚିନ ଓ ଅନ୍ୟ କେତେକ ରାଷ୍ଟ୍ର ସନ୍ଧି କରିବାର ପ୍ରସ୍ତାବ ଦେଇଛନ୍ତି । ତେବେ ଇରାନ୍ ସହିତ ଆରବ ଦେଶଗୁଡ଼ିକୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ମୁସଲମାନ ରାଷ୍ଟ୍ରମାନେ ଏହି କଥାକୁ ହୃଦୟଙ୍ଗମ କରନ୍ତେ କି ! ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ସେ ଯାହା ହେଉ ଆମର କାର୍ଯ୍ୟ ଏହିକି ଯେ ଆମେମାନେ ବିଶେଷ ଭାବରେ ମୁସଲମାନ ଓ ନିରୀହ ଲୋକମାନଙ୍କ ପାଇଁ ଦୁଆ କରିବା । ରମଜାନର ଏହି ପବିତ୍ର ମାସରେ ନିଜ ପାଇଁ ଦୁଆ କରିବା ପରିବର୍ତ୍ତେ ମୁସଲମାନ ସମ୍ପ୍ରଦାୟ ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଯେ ଜଗତରେ ଓ ବିଶେଷ କରି ମୁସଲମାନ ରାଷ୍ଟ୍ରଗୁଡ଼ିକରେ ଶାନ୍ତି ଓ ନିରାପତ୍ତା ସ୍ଥାପନ ହେଉ । ଜଣେ ମୁସଲମାନ ଅନ୍ୟ ମୁସଲମାନ ଭାଇର ରକ୍ତପାତ କରୁଅଛି । ଏମାନେ ପରସ୍ପର ସହିତ ଲଢ଼ି ଅସତ୍ ପନ୍ଥା ଆପଣାଇ ପରସ୍ପରର ହତ୍ୟା କରୁଛନ୍ତି । ଏପରି କର୍ମ ଦ୍ୱାରା ସେମାନେ ଅଲ୍ଲାଃତାଲାଙ୍କୁ ଅସନ୍ତୁଷ୍ଟ ଓ କ୍ରୋଧିତ କରୁଛନ୍ତି । ଏପରି ଲୋକେ କେବଳ ଏହି ଇହ ଜଗତରେ କ୍ଷତିଗ୍ରସ୍ତ ହେବେ ନାହିଁ, ବରଂ ପରକାଳରେ ମଧ୍ୟ ଘୋର କ୍ଷତି ସହ୍ୟ କରିବେ ।

ତେଣୁ ଏଥିପ୍ରତି ବିଶେଷ ରୂପେ ମନୋଯୋଗ କରିବା ଆବଶ୍ୟକ । ଅଲ୍ଲାଃତାଲା ଆମକୁ ପ୍ରକୃତ ପକ୍ଷେ ଦୁଆ କରିବାର ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

**ଖୁତ୍‌ବାର** ଦ୍ୱିତୀୟ ପର୍ଯ୍ୟାୟରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କିଛି ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ସେମାନଙ୍କର **ନମାଜ୍ ଜନାଯାଃ ଗାଏବ୍** ପାଠ କରିବାର ଘୋଷଣା କଲେ । **ପ୍ରଥମ** ହେଲେ ଶ୍ରୀମତୀ ଯୁବରାଣୀ ଅମତୁଲ୍ ଜମିଲ୍ ସାହେବା ଯିଏକି ହଜରତ ମୁସଲେହ୍ ମଉଦ[ର.ଅ]ଙ୍କର କନିଷ୍ଠ କନ୍ୟା ଥିଲେ । ସେ ଶ୍ରୀମାନ ନାସିର୍ ମେହମୁଦ୍ ସିଆଲ୍ ସାହେବଙ୍କର ଧର୍ମପତ୍ନୀ ଏବଂ ହଜରତ ଚୌଧରୀ ଫତେହ୍ ମୁହମ୍ମଦ ସିଆଲ୍ ସାହେବଙ୍କର କୂଳବଧୁ ଥିଲେ । ହଜରତ ସୟଦା ମରିୟମ୍ ବେଗମ୍ ଅର୍ଥାତ୍ ହଜରତ ଉମ୍ମେ ତାହିର୍ ସାହେବାଙ୍କ ସୁକନ୍ୟା ଥିଲେ । ହଜରତ ମୁସଲେହ୍ ମଉଦ[ର.ଅ]ଙ୍କ ପିଲାମାନଙ୍କ ମଧ୍ୟରେ ସର୍ବ କନିଷ୍ଠ ସନ୍ତାନ ଥିଲେ । ୧୯୫୫ମସିହାରେ ହଜରତ ମୁସଲେହ୍ ମଉଦ[ର.ଅ] ତାଙ୍କର **ନିକାଃ** ପଢାଇ ଥିଲେ । ତାଙ୍କର ଚାରିଜଣ ସନ୍ତାନ ଅଛନ୍ତି । ସ୍ୱର୍ଗତ ଏକାଧାରାରେ ଜଣେ ଅଭାବିମାନଙ୍କ ପ୍ରତିପାଳନକାରୀ, ଦୁଆକାରୀଣୀ ଓ ପୁଣ୍ୟବତୀ ମହିଳା ଥିଲେ ।

**ଦ୍ୱିତୀୟ ମୃତକ** ହେଲେ ଶ୍ରୀମାନ ଡ଼ାଃ ରଶିଦ୍ ଅହମଦ ଖାନ୍ ସାହେବ ପୁତ୍ର ଶ୍ରୀମାନ ନିଜାମୁଦ୍ଦିନ୍ ସାହେବ ହଲାଣ୍ଡ ନିବାସୀଙ୍କର । ଯିଏକି ବିଗତ ଦିନରେ ୯୧ବର୍ଷ ବୟସରେ ଦେହ ତ୍ୟାଗ କଲେ । **ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ସ୍ୱର୍ଗତଙ୍କର ଚାରିଜଣ ପୁତ୍ର ଓ ଚାରିଜଣ କନ୍ୟା ସନ୍ତାନ ଅଛନ୍ତି । ସ୍ୱର୍ଗତ ଜଣେ ପୁଣ୍ୟବାନ, ନିର୍ଭୀକ, ଈଶ୍ୱରଭକ୍ତ, ମେଳାପୀ, ଦୟାକାରୀ, ଖିଲାଫତ୍‌ର ଉତ୍ସର୍ଗୀ ଓ ବଳିଦାନକାରୀ ବ୍ୟକ୍ତି ଥିଲେ । ଧର୍ମ-ପ୍ରଚାର କରିବାରେ ତାଙ୍କର ପ୍ରବଳ ଅଭିରୁଚି ରହିଥିଲା । **ତୃତୀୟ ମୃତକ** ହେଲେ ଶ୍ରୀମତୀ ଜୈନବ୍ ବିବି ସାହେବା ପତ୍ନୀ ଶ୍ରୀମାନ ବଶିର୍ ଅହମଦ ସାହେବ ପୂର୍ବତନ **ସଦର୍** ଜମାଅତ ଚେକ୍ କର୍ତାରପୁର ନିବାସୀଙ୍କର । ସ୍ୱର୍ଗତଙ୍କର ବିଗତ ଦିନରେ ୮୫ବର୍ଷ ବୟସରେ ନିଧନ ହୋଇଛି । **ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ସ୍ୱର୍ଗତ **ଓ୍ୱସିୟତ୍** କରିଥିଲେ । ସ୍ୱର୍ଗତ ଜଣେ **ତହ୍‌ଜ୍ଜୁଦ୍** ପାଠକାରୀ, ଦୁଆକାରୀଣୀ, ପବିତ୍ର କୁରଆନର ଆବୃତ୍ତି କରୁଥିବା ପୁଣ୍ୟବତୀ ମହିଳା ଥିଲେ । ତାଙ୍କ କନ୍ୟା ଜମାଅତର ଜଣେ ମୁବଲ୍ଲିଗଙ୍କର ଧର୍ମପତ୍ନୀ । କର୍ମକ୍ଷେତ୍ରରେ (ନିଜ ସ୍ୱାମୀଙ୍କ ସାଥିରେ) ଥିବା ଯୋଗୁଁ ସେ ନିଜ ମାତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇପାରିଲେ ନାହିଁ । ସେ ସମସ୍ତ ମୃତକଙ୍କ ପାଇଁ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କ୍ଷମାଯାଚନା କରିବା ସହିତ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★

Khulasa Khutba Juma Huzoor Anwar a.b.a

6th March 2026

*Translated to Odia by :* Moulavi Anwar Ahmad Khan